بسم الله الرحمن الرحيم

**ଖୁତ୍‌ବା ଜୁମା ୧୦ ମାର୍ଚ୍ଚ ୨୦୨୩ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ୟୁ.କେ)**

## ପବିତ୍ର ମହାତ୍ମା ହ. ମସିହ୍ ମଉଦ୍ (ପ୍ରତିଶୃତ ମସିହ୍ ଅ.ସ)ଙ୍କ ବ୍ରହ୍ମଜ୍ଞାନ ସମ୍ପନ୍ନ ଉପଦେଶାବଳୀ ପ୍ରକାଶରେ ପବିତ୍ର କୁରଆନ୍ କରୀମ୍‌ର ମାହାତ୍ମ୍ୟ, ମର୍ଯ୍ୟାଦା ଓ ଶ୍ରେଷ୍ଠତାର ବର୍ଣ୍ଣନା । ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଦୁଆ କରିବା ନିମନ୍ତେ ହୁଜୁର ଅନ୍‌ୱର୍ ଅ.ବଙ୍କ ପୁନଃ ଆହ୍ୱାନ ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଦ୍ଦାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ; ଆଜିକାଲି ଖୁତ୍‌ବାଗୁଡ଼ିକରେ ମୁଁ ପବିତ୍ର କୁରଆନ୍ କରୀମ୍‌ର ମହୋପକାର ଏବଂ ସୁଗୁଣାବଳୀର ଆଲୋଚନା କରୁଥିଲି, ସେହି କ୍ରମରେ ଏହାର ଅବଶିଷ୍ଟାଂଶ ବର୍ଣ୍ଣନା କରିବି । ପବିତ୍ର କୁରଆନ୍ କରୀମ୍‌ର ମହୋପକାର ଏବଂ ସୁଗୁଣାବଳୀ ସଂପର୍କରେ ବର୍ଣ୍ଣନା କରି ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ମୁଁ ସତ୍ୟ କହୁଛି ଯେ, ପବିତ୍ର କୁରଆନ୍ କରୀମ୍ ଏଭଳି ଏକ ପୂର୍ଣ୍ଣାଙ୍ଗ ଶିକ୍ଷା ଏବଂ ମାର୍ମିକ ଧର୍ମଗ୍ରନ୍ଥ ଯେ, ଅନ୍ୟ କୌଣସି ଧର୍ମଗ୍ରନ୍ଥ ଏହାର ମୁକାବିଲା କରିପାରିବ ନାହିଁ । ପବିତ୍ର କୁରଆନ୍ କରୀମ୍‌ର ମାର୍ମିକ ହେବା ପ୍ରସଙ୍ଗରେ ଉଦାହରଣ ଦେଇ ଆପଣ ଅ.ସ କୁହନ୍ତି, କ'ଣ ବେଦରେ ଏପରି କୌଣସି ଶ୍ରୁତି (ଲୋକ ପରମ୍ପରାଗତ ଉକ୍ତି) ରହିଛି ଯାହା هُدًى لِّلْمُتَّقِينَ ର ମୁକାବିଲା କରିପାରିବ ? ଯଦି ମୌଖିକ ସ୍ୱୀକାରୋକ୍ତିର କୌଣସି ମୂଲ୍ୟ ରହିଛି ଅର୍ଥାତ ତାହାର ଫଳାଫଳ ଓ ପରିଣାମର ଆଶ୍ୟକତା ନାହିଁ ତେବେ ସେ ପରିପ୍ରେକ୍ଷୀରେ ସମସ୍ତ ସଂସାର କୌଣସି ନା କୌଣସି ରୂପେ ଈଶ୍ୱରଙ୍କୁ ସ୍ୱୀକାର କରିଥାଏ । ଭକ୍ତି, ଉପାସନା ଏବଂ ଦାନ ଓ ଦକ୍ଷିଣାକୁ ମଧ୍ୟ ସଂସାରବାସୀ ଭଲ ବୋଲି ବିଚାର କରିଥାନ୍ତି, କୌଣସି ନା କୌଣସି ରୂପରେ ଉପରୋକ୍ତ କଥା ଉପରେ ସେ କାର୍ଯ୍ୟାନୁସରଣ ମଧ୍ୟ କରିଥାନ୍ତି । ହ. ମସିହ୍ ମଉଦ୍ ଅ.ସ ହିନ୍ଦୁମାନଙ୍କୁ ଉତ୍ତର ଦେଇ କହିଲେ, ପୁନଶ୍ଚ ବେଦ ଆସି ସଂସାରକୁ କ'ଣଟ ଦେଇଦେଲା ? ଅବା ଏହା ପ୍ରମାଣ କର ଯେ, ଯେଉଁ ଜାତି ବେଦଗୁଡ଼ିକୁ ସ୍ୱୀକାର କରନ୍ତି ନାହିଁ ସେମାନଙ୍କ ମଧ୍ୟରେ ପୁଣ୍ୟାବଳୀ ସଂପୂର୍ଣ୍ଣ ରୂପେ ଉଭାନ ହୋଇଯାଇଛି ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି ପବିତ୍ର କୁରଆନ୍ କରୀମ୍‌କୁ ଯେଉଁଠାରୁ ଆରମ୍ଭ କରାଯାଇଛି ଏବଂ ତହିଁରେ ଯେଉଁ ଉନ୍ନତିର ପ୍ରତିଶୃତି ପ୍ରଦାନ କରାଯାଇଛି ସେହି ଉନ୍ନତି ତଥା ପ୍ରତିଶୃତିରୁ ସ୍ୱଭାବିକ ରୂପେ ଆତ୍ମା କିଛି ଆଶା ପୋଷଣ କରିଥାଏ । ସୁତରାଂ ସୁରାଃ ଫାତିହାରେ ଅଲ୍ଲାଃତାଲା اِهْدِنَا الصِّرَاطَ الْمُسْتَقِيمَ ର ଶିକ୍ଷା ପ୍ରଦାନ କରି କହିଲେ, ତୁମେମାନେ ପ୍ରଭୁଙ୍କ ନିକଟରେ ଏହି ପ୍ରାର୍ଥନା କର ଯେ, ହେ ଈଶ୍ୱର ! ତୁମ୍ଭେ ଆମମାନଙ୍କୁ ସଳଖ ମାର୍ଗରେ ପରିଚାଳିତ କରାଅ । ଯଦି ମାର୍ଗ ଦର୍ଶନ ପ୍ରାପ୍ତ ହେବା ନିମନ୍ତେ ଆମେମାନେ ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା କରୁ ତେବେ ପ୍ରଭୁ ଆମମାନଙ୍କୁ ଏହି ପ୍ରତିଶୃତି ମଧ୍ୟ ଦେଇଛନ୍ତି ଯେ, ସେ ଆମମାନଙ୍କୁ ଅବଶ୍ୟ ସଳଖ ମାର୍ଗରେ ପରିଚାଳିତ କରାଇବେ ଏବଂ ତାହା ଏହିଭଳି ମାର୍ଗ ହୋଇଥିବ ଯେ, ଯେଉଁ ମାର୍ଗ ଉପରେ ପୁଣ୍ୟବାନ ବ୍ୟକ୍ତିମାନେ ପରିଚାଳିତ ହେବା ଫଳରେ ସେମାନେ ପୁରସ୍କୃତ ହେବେ । ଉକ୍ତ ଦୁଆ ସହିତ ସୁରାଃ ଅଲ୍‌ବକ୍ରାଃର ପ୍ରଥମ ଆୟତ୍‌ରେ ଶୁଭସମାଚାର ଦେଇ ଅଲ୍ଲାଃତାଲା କୁହନ୍ତି, ذَٰلِكَ الْكِتَابُ لَا رَيْبَ فِيهِ هُدًى لِّلْمُتَّقِينَ ଯଦିଓ ଅଲ୍ଲାଃତାଲା ମାର୍ଗଦର୍ଶନ ପ୍ରାପ୍ତ କରିବା ନିମନ୍ତେ ଦୁଆ କରିବାକୁ ନିର୍ଦ୍ଦେଶ ଦେଲେ ତେବେ ତତ୍‌ସହିତ ସେହି ମାର୍ଗଦର୍ଶନ ପ୍ରାପ୍ତ ହେବା ନିମନ୍ତେ ଏକ ଖସଡ଼ା ମଧ୍ୟ ପ୍ରସ୍ତୁତ କରି ଏହା କହିଦେଲେ ଯେ, ଉକ୍ତ ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରିବା ଫଳରେ ଧର୍ମାପାରୟଣ ବ୍ୟକ୍ତିମାନଙ୍କୁ ସତ୍‌ମାର୍ଗ ପ୍ରାପ୍ତ ହେବ । ଅର୍ଥାତ୍ ଯଦି ପୁଣ୍ୟାତ୍ମାମାନଙ୍କର ଆତ୍ମା ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରନ୍ତି ତେବେ ତାହାର ଏକ ବିଶେଷ ପ୍ରଭାବ ମଧ୍ୟ ଦେଖିବାକୁ ମିଳିଥାଏ । ସେହି ପ୍ରତିଶୃତି ପବିତ୍ର କୁରଆନ୍ କରୀମ୍‌ର ଅବତୀର୍ଣ୍ଣ ହେବା ଆକାରରେ ହିଁ ପୂର୍ଣ୍ଣ ହୋଇଥାଏ । ଏହା ପ୍ରଭୁଙ୍କ କୃପା ଓ କରୁଣା ଅଟେ, ଯାହା ସଂପର୍କରେ ସେ ପବିତ୍ର କୁରଆନ୍ କରୀମ୍‌ରେ କହିଛନ୍ତି । କିନ୍ତୁ ବଡ଼ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ସଂସାରବାସୀ ତହିଁରୁ ଅବଚେତନ ଅଟନ୍ତି ଏବଂ ତାହା ଠାରୁ ଦୂରେଇ ଯାଇ ଅଜ୍ଞାତବସ୍ଥାରେ କାଳାତିପାତ କରି ନିଜର ଧ୍ୱଂସ ଓ ଅପାର କ୍ଷତି ସାଧିତ କରୁଛନ୍ତି ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ମୁଁ ପୁନଶ୍ଚ କହୁଛି, ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ଧର୍ମପରାୟଣ ବ୍ୟକ୍ତିଙ୍କର ଯେଉଁ ବିଶେଷ ଗୁଣାବଳୀ ଦର୍ଶାଇଛନ୍ତି ସେଗୁଡ଼ିକୁ ସାଧାରଣ ଗୁଣାବଳୀର ଶ୍ରେଣୀରେ ରଖିଛନ୍ତି । କିନ୍ତୁ ମନୁଷ୍ୟ ଯେତେବେଳେ ଏହା ଉପରେ କାର୍ଯ୍ୟାନୁସରଣ କରି ନିଜର ମାର୍ଗ ଦର୍ଶନ ନିମନ୍ତେ ଏହାକୁ ନିଜର କାର୍ଯ୍ୟପ୍ରଣାଳୀ ବା କାର୍ଯ୍ୟଶୈଳୀ ରୂପେ ବିବେଚିତ କରେ ତେବେ ସେପରିପ୍ରେକ୍ଷୀରେ ସେ ମାର୍ଗଦର୍ଶନର ସର୍ବୋଚ୍ଚ ସ୍ତର ଏବଂ ସର୍ବୋଚ୍ଚ ସୋପାନରେ ଉପନୀତ ହୁଏ ଯାହାକି هُدًى لِّلْمُتَّقِيْنَରେ ଅନ୍ତର୍ନିହିତ ରହିଛି । ଆପଣ ଅ.ସ ପୁନଶ୍ଚ କହିଲେ, ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ହେଉଛି ଏକ ପୂର୍ଣ୍ଣାଙ୍ଗ ଶିକ୍ଷା । ଯୁଗାନୁପଯୋଗୀ ଆଁହଜରତ ସ.ଅଙ୍କ ଆଗମନର ଅନ୍ୟ ଏକ ପ୍ରମାଣ ଏହିକି ଯେ, اَلْيَوْمَ اَكْمَلْتُ لَكُمْ । ତହିଁରେ ଅଲ୍ଲାଃତାଲା ଇସ୍‌ଲାମ୍ ଧର୍ମକୁ ଓ  ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷାକୁ ଏକ ପୂର୍ଣ୍ଣାଙ୍ଗ ଶିକ୍ଷା ରୂପେ ବିବେଚିତ କରିଛନ୍ତି । ଅତଏବ ସେହି ସମୟରେ ଯୁଗର ଯେଉଁ ଅବସ୍ଥା ତଥା ପରିସ୍ଥିତି ରହିଥିଲା ତାହା ଆଁହଜରତ ସ.ଅଙ୍କ ଅବତୀର୍ଣ୍ଣ ହେବାକୁ ଅପେକ୍ଷା କରିଥିଲା ଏବଂ ଆଁହଜରତ ସ.ଅଙ୍କ ଅବତାର ଭାବରେ ଅବତୀର୍ଣ୍ଣ ହେବା ଏହାର ବଳିଷ୍ଠ ପ୍ରମାଣ । ଆପଣ ଅ.ସ କହିଲେ, ଏହି ଅଧ୍ୟାୟଟି ଅବତାରତ୍ୱର ଦ୍ୱିତୀୟ ଅଧ୍ୟାୟ ଓ ଦ୍ୱିତୀୟ ଋତୁ ଅଟେ । ପୂର୍ଣ୍ଣତ୍ୱ ଏହା ନୁହେଁ ଯେ, ଅଲ୍ଲାଃତାଲା ସୁରାଃଗୁଡ଼ିକ ଅବତୀର୍ଣ୍ଣ କରିଦେବା ଫଳରେ ତାଙ୍କର କାମ ଶେଷ ହୋଇଗଲା ତାହା ନୁହେଁ । ବରଂ ପୂର୍ଣ୍ଣତ୍ୱ କହିଲେ ପୂର୍ଣ୍ଣ ଆତ୍ମା ଏବଂ ହୃଦୟର ପୂର୍ଣ୍ଣ ପବିତ୍ରାବସ୍ଥାକୁ ବୁଝାଏ । ଏହି ଦୁଇଟିକୁ ଅଲ୍ଲାଃତାଲା ସଂପୂର୍ଣ୍ଣ କରିଦେଲେ । ଅର୍ଥାତ ଅଲ୍ଲାଃତାଲା ମନୁଷ୍ୟକୁ ହିଂସ୍ରାବସ୍ଥାରୁ ମନୁଷ୍ୟାବସ୍ଥା, ବୁଦ୍ଧିମାନ, ଚରିତ୍ରବାନ ଏବଂ ପ୍ରଭୁଙ୍କ ସାମୀପ୍ୟତା ଅର୍ଜନକାରୀ ବ୍ୟକ୍ତିରେ ପରିଣତ କରିଦେଲେ । ମନୁଷ୍ୟକୁ ଶିଷ୍ଟାଚାରୀ ଏବଂ ତା'ର ଆତ୍ମାକୁ ପବିତ୍ର କରିବା ନିମନ୍ତେ ସର୍ବୋଚ୍ଚ ସ୍ତରୀୟ ଶିକ୍ଷା ଯୋଗାଇ ଦେଲେ ଏବଂ ଉକ୍ତ ଶିକ୍ଷାର ନିଷ୍କର୍ଷ ମଧ୍ୟ ଦର୍ଶାଇଦେଲେ । ସେହିପରି ଅଲ୍ଲାଃତାଲାଙ୍କର ଗ୍ରନ୍ଥ (ପବିତ୍ର କୁରଆନ୍)କୁ ମଧ୍ୟ ପୂର୍ଣ୍ଣ କରିଦେଲେ । ଏପରି କୌଣସି ସତ୍ୟତା ଓ ଶିକ୍ଷା ନାହିଁ ଯାହା ପବ୍ିତ୍ର କୁରଆନ୍‌ରେ ବର୍ଣ୍ଣିତ ହୋଇ ନାହିଁ ।

ହଜରତ୍ ମସିହ୍ ମଉଦ୍ ଅ.ସ କୁହନ୍ତି, ଅନେକ ମୁସଲମାନମାନଙ୍କ ମଧ୍ୟରେ ଆଉ ଏକ ଭ୍ରମ ରହିଛି ଯେ, ସେମାନେ ହଦିସ୍‌କୁ ପବିତ୍ର କୁରଆନ୍ ଉପରେ ପ୍ରାଧାନ୍ୟ ଦିଅନ୍ତି । କିନ୍ତୁ ଏହା ସଂପୂର୍ଣ୍ଣ ରୂପେ ଭୁଲ ଅଟେ । ପବିତ୍ର କୁରଆନ୍ ନିଜ ମଧ୍ୟରେ ଏକ ବିଶ୍ୱାସମୂଳକ ସ୍ତର ତଥା ପ୍ରମାଣ ରଖିଥାଏ । କିନ୍ତୁ ହଦିସ୍‌ର ଯେଉଁ ସ୍ତର ରହିଛି ତାହା କାଳ୍ପନିକ ଅଟେ । ହଦିସ୍ କାଜି (ବିଚାରକ) ନୁହେଁ ବରଂ ପବିତ୍ର କୁରଆନ୍ କରୀମ୍ ହଦିସ୍ ଉପରେ କାଜି ଅଟେ । ନିର୍ଣ୍ଣୟ କରିବାର ଅଧିକାର କେବଳ ପବିତ୍ର କୁରଆନ୍ କରୀମ୍‌ର ହିଁ (କାର୍ଯ୍ୟ) ଅଟେ । ଅପରପକ୍ଷେ ହଦିସ୍ ପବିତ୍ର କୁରଆନ୍ କରୀମ୍‌ର ବ୍ୟଖ୍ୟା ଅଟେ । ହଦିସ୍‌କୁ ସେହି ପର୍ଯ୍ୟନ୍ତ ହିଁ ଗ୍ରହଣ କରିବାର ଆବଶ୍ୟକତା ଓ ଔଚିତ୍ୟତା ରହିଛି ଯେପର୍ଯ୍ୟନ୍ତ ତାହା ପବିତ୍ର କୁରଆନୀୟ ଶିକ୍ଷାର ଖଣ୍ଡନ କରି ନାହିଁ ଏବଂ ପବିତ୍ର କୁରଆନ୍ ଅନୁଯାୟୀ ତାହା ହୋଇଥିବା ଉଚିତ । କିନ୍ତୁ ଯଦି ହଦିସ୍ ପବିତ୍ର କୁରଆନ୍‌ର ବିରୁଦ୍ଧାଚରଣ କରେ ତେବେ ତାହା ହଦିସ୍‌ର ମାନ୍ୟତା ପ୍ରାପ୍ତ କରିପାରିବ ନାହିଁ, ବରଂ ତାହା ମୃତ ବ୍ୟକ୍ତିମାନଙ୍କର କଥନ ଅଟେ । ଆପଣ ଅ.ସ କହିଲେ, କିନ୍ତୁ ପବିତ୍ର କୁରଆନ୍‌କୁ ବୁଝିବାକୁ ହେଲେ ହଦିସ୍ ଏକାନ୍ତ ଆବଶ୍ୟକୀୟ ଓ ବାଞ୍ଛନୀୟ ଅଟେ । ପବିତ୍ର କୁରାଆନ୍‌ରେ ଅଲ୍ଲାଃତାଲା ଯେଉଁ ଆଦେଶାବଳୀ ପ୍ରଣୟନ କରିଛନ୍ତି ସେହି ଆଦାଶବଳୀଗୁଡ଼ିକୁ ଆଁହଜରତ ସ.ଅ ନିଜର ବ୍ୟବହାରିକ ଜୀବନରେ ସମ୍ପାଦନ କରି ଦେଖାଇ ଦେଇଛନ୍ତି ଏବଂ ଏକ ନମୁନା ସ୍ଥାପନ କରିଯାଇଛନ୍ତି । ଯଦି ଏହି ଉଦାହରଣ ଓ ସେହି ଶିକ୍ଷା ପବିତ୍ର କୁରଆନ୍ କରୀମ୍‌ରେ ବର୍ଣ୍ଣିତ ହୋଇ ନଥାଆନ୍ତା ତେବେ ଇସ୍‌ଲାମ୍ ଧର୍ମ ସଂକ୍ରାନ୍ତରେ କିଛି ବୁଝା ପଡ଼ି ନଥାନ୍ତା। କିନ୍ତୁ ସମସ୍ତ ଉଦାହରଣ ଏବଂ ଶିକ୍ଷାର ମୂଳାଧାର ହେଉଛି ପବିତ୍ର କୁରଆନ୍ । କେତେକ ସ୍ୱପ୍ନଦର୍ଶୀ ବ୍ୟକ୍ତିମାନେ ଆଁହଜରତ ସ.ଅଙ୍କ ଠାରୁ ସିଧା ସଳଖ ଏଭଳି ହଦିସ୍ ଶୁଣି ନିଅନ୍ତି ଯାହା ଅନ୍ୟ ଲୋକମାନଙ୍କୁ ଜଣା ନାହିଁ ଅବା ସେହି ଲୋକମାନେ ଉପସ୍ଥିତ ହଦିସ୍‌ଗୁଡ଼ିକର ପୁଷ୍ଟି କରି ନିଅନ୍ତି । ନିଜ ସଂକ୍ରାନ୍ତରେ ଆପଣ ଅ.ସ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ମୁଁ ମଧ୍ୟ ଆଁହଜରତ ସ.ଅଙ୍କ ଠାରୁ ସିଧା ସଳଖ କେତେକ ହଦିସ୍ ଶୁଣିଅଛି ।

ପବିତ୍ର କୁରଆନ୍‌ର ଉଚ୍ଚ ଲାଳିତ୍ୟ ସମ୍ପନ୍ନ ବର୍ଣ୍ଣନାତ୍ମକ ଶୈଳୀ ସଂପର୍କରେ ଆପଣ ଅ.ସ କୁହନ୍ତି, ପବିତ୍ର କୁରଆନ୍‌ର ପଂକ୍ତିରେ ଏହିଭଳି ଉଚ୍ଚ ଲାଳିତ୍ୟ ସମ୍ପନ୍ନ ବର୍ଣ୍ଣନା ଶୈଳୀ ଓ ଉପଯୁକ୍ତ ଔଚିତ୍ୟତାମୂଳକ, ମୃଦୁଳ, କୋମଳ ତଥା ଭବ୍ୟ ଔଜସ୍ୱୀତା ନିହିତ ରହିଛି ଯେ, ଯଦି କୌଣସି ସମାଲୋଚକ ଏବଂ ଇସ୍‌ଲାମ୍ ଧର୍ମର ଘୋର ବିରୋଧୀ ବ୍ୟକ୍ତିକୁ ଆରବୀ ଭାଷାର ଶ୍ରୁତ ଲିଖନ (ଅକ୍ଷର ବିନ୍ୟାସ ତଥା ବାଗ୍‌ବିନ୍ୟାସ)ରେ ପାରଙ୍ଗମ ଥିବା ବ୍ୟକ୍ତିକୁ କ୍ଷମତାସୀନ ଶାସକ ପକ୍ଷରୁ ଏହି ଆଦେଶ ଶୁଣାଇ ଦିଆଯାଏ ଯେ, ତୁମେ ଯଦି ୨୦ ବର୍ଷ ମଧ୍ୟରେ ପବିତ୍ର କୁରଆନ୍ କରୀମ୍‌ର ଦୁଇ ଚାରି ଧାଡ଼ି ତୁଲ୍ୟ ପ୍ରସଙ୍ଗ ଲେଖି ଦେଇ ନପାରିବ ତେବେ ତୁମକୁ ମୃତ୍ୟୁ ଦଣ୍ଡ ଦିଆଯିବ । ତଥାପି ସେହି ବ୍ୟକ୍ତି ସମଗ୍ର ପୃଥିବୀବାସୀଙ୍କର ଶତାଧିକ ବାଗ୍‌ବିନ୍ୟାସକାରୀ ଶ୍ରୁତ ଲିଖନକାରୀ ବ୍ୟକ୍ତିଙ୍କୁ ନିଜର ସହାୟକ କରିନେଉ ପଛେ ସେ (ଏହା ଉପରେ) କଦାପି ସକ୍ଷମ ହୋଇପାରିବ ନାହିଁ ଯେ, ପବିତ୍ର କୁରଆନ୍ ପରି

ଉଚ୍ଚ ଲାଳିତ୍ୟ ସମ୍ପନ୍ନ ବର୍ଣ୍ଣନାତ୍ମକ ଶୈଳୀ ଉପସ୍ଥାପିତ କରିପାରିବ । ଏହା ହେଉଛି ପବିତ୍ର କୁରଆନ୍ କରୀମ୍‌ର ଚମତ୍କାର ଓ ତାହାର ଲିଖନଗତ ବର୍ଣ୍ଣନାତ୍ମକ ଶୈଳୀ । ଆପଣ ଅ.ସ କୁହନ୍ତି, ଏହା କୌଣସି କାଳ୍ପନିକ ଏବଂ କପୋଳ କଳ୍ପିତ ପ୍ରସଙ୍ଗ ନୁହେଁ, ବରଂ ପବିତ୍ର କୁରଆନ୍ ଯେବେ ଠାରୁ ଅବତୀର୍ଣ୍ଣ ହୋଇଛି ସେତେବେଳ ଠାରୁ ଏହି ଚ୍ୟାଲେଞ୍ଜ (ଦାବି) ସଂସାରବାସୀଙ୍କ ସମ୍ମୁଖରେ ଅକ୍ଷୁର୍ଣ୍ଣ ରହିଛି । ସେହିପରି ହ. ମସିହ୍ ମଉଦ ଅ.ସ କୁହନ୍ତି, ପବିତ୍ର କୁରଆନ୍‌ର ଉଚ୍ଚ କମନୀୟତା ସମ୍ପନ୍ନ ବର୍ଣ୍ଣନାତ୍ମକ ଶୈଳୀର ମୁକାବିଲା କରିବା ଅସମ୍ଭବ ଅଟେ ।

ପୁନଶ୍ଚ ହ. ମସିହ୍ ମଉଦ୍ ଅ.ସ ପବିତ୍ର କୁରଆନ୍ କରୀମ୍‌ର ଉଚ୍ଚ ଲାଳିତ୍ୟ ସମ୍ପନ୍ନ ବର୍ଣ୍ଣନାତ୍ମକ ଶୈଳୀର ସୁଗୁଣାବଳୀର ଚର୍ଚ୍ଚା କରି କୁହନ୍ତି, ଏକ ସଭାରେ ଆପଣ ଅ.ସ କହିଲେ : ଯେଉଁଭଳି ଭାବରେ ଏହି ନିଦର୍ଶନ ଏଠାରେ ପ୍ରକାଶିତ ହେଉଅଛି ବାସ୍ତବରେ ତାହା ରସୁଲୁଲ୍ଲାଃ ସ.ଅଙ୍କର ହିଁ ଚମତ୍କାର । ପବିତ୍ର କୁରଆନ୍‌ର ଅଲୌକିକତା ଏବଂ ଭବିଷ୍ୟତବାଣୀ ଅତି ଅଦ୍ଭୂତପୂର୍ଣ୍ଣ। କାରଣ ସେହି ସବୁ ନିଦର୍ଶନ, ଚମତ୍କାର ଓ ଅଲୌକିକତା ଆଁହଜରତ ସ.ଅଙ୍କ ଆଜ୍ଞାକାରୀତ୍ୱତା ବଳରେ ହିଁ ପ୍ରାପ୍ତ ହୋଇଛି ଓ ଏହା ପବିତ୍ର କୁରଆନ୍‌ର ହିଁ ଶିକ୍ଷାର ଫଳଶ୍ରୁତି ଅଟେ । ବର୍ତ୍ତମାନ ଅନ୍ୟ କୌଣସି ଧର୍ମ ନାହିଁ ଯାହାର ଧର୍ମାବଲମ୍ବୀ ଓ ଅନୁଗାମୀ ଏହି ଦାବି ଓ ଭବିଷ୍ୟବାଣୀ କରିପାରିବ ଅବା କୌଣସି ଚମତ୍କାର ପ୍ରଦର୍ଶନ କରିପାରିବ ଯେ, ସେ ଏହିଭଳି ନିଦର୍ଶନ, ଅଲୌକିକତା ଏବଂ ଭବିଷ୍ୟତବାଣୀ ଉପସ୍ଥାପିତ କରିପାରିବ । ଅତଏବ୍ ଏହି ଦୃଷ୍ଟିରୁ ବିଚାର କଲେ ପବିତ୍ର କୁରଆନ୍‌ର ଚମତ୍କାର ସମସ୍ତ ପୁସ୍ତକର ଚମତ୍କାର ଠାରୁ ଉର୍ଦ୍ଧ୍ୱ ଓ ଶୀର୍ଷରେ ରହିଛି ।

ଆପଣ ଅ.ସ କୁହନ୍ତି, ପବିତ୍ର କୁରାଆନ୍‌ର ଛୋଟ ଛୋଟ ସୁରାଃକୁ ବି ଯଦି ଉଦାହରଣ ସ୍ୱରୂପ ନିଆଯାଏ ତେବେ ଏହା ଜ୍ଞାତ ହେବ ଯେ, ତହିଁରେ ଉଚ୍ଚ ଲାଳିତ୍ୟ ଓ କମନୀୟତା ସମ୍ପନ୍ନ ବର୍ଣ୍ଣନାତ୍ମକ ଶୈଳୀ ବ୍ୟତୀତ ଶିକ୍ଷାର ବ୍ୟକ୍ତିଗତ ବିଶେଷତା ଏବଂ ପୂର୍ଣ୍ଣ ଚମତ୍କାରିତା ତହିଁରେ ଠୁଳ କରି ଦିଆଯାଇଛି । ସୁରାଃ ଇଖ୍‌ଲାସ୍‌କୁ ହିଁ ଦେଖିନିଅ ! ତହିଁରେ ଏକେଶ୍ୱରବାଦର ସମସ୍ତ ସ୍ତର ସଂକ୍ରାନ୍ତରେ ବର୍ଣ୍ଣନା କରିଦିଆଯାଇଛି ଏବଂ ସେଥିରେ ପ୍ରତ୍ୟେକ ପ୍ରକାରର ଶିର୍କର ମୂଳୋତ୍ପାଟନ କରିଦିଆଯାଇଛି । ସେହିପରି ସୁରାଃ ଫାତିହାକୁ ହିଁ ଦେଖିନିଅ ! ଯେ, କିପରି ତହିଁରେ ଚମତ୍କାରର ବର୍ଣ୍ଣନା ରହିଛି । ଛୋଟିଆ ସୁରାଃ ଯାହାକି ୭ଟି ଆୟତ୍ ବିଶିଷ୍ଟ ସୁରାଃ ଅଟେ । କିନ୍ତୁ ବାସ୍ତବରେ ତାହା ସମଗ୍ର କୁରଆନ୍ କରୀମ୍‌ର ସାରାଂଶ ଏବଂ ସୂଚୀ ଅଟେ । ପୁନଶ୍ଚ ତହିଁରେ ଅଲ୍ଲାଃତାଲାଙ୍କର ଅସ୍ତିତ୍ୱ, ତାହାଙ୍କ ବିଶିଷ୍ଟ ସୁଗୁଣାବଳୀ, ପ୍ରାର୍ଥନାର ଆବଶ୍ୟକତା, ପ୍ରାର୍ଥନା ଗ୍ରହଣ ହେବାର ସାଧନ ଓ ମାଧ୍ୟମ, ଉପାଦେୟତା, ଲାଭଦାୟକ ପ୍ରାର୍ଥନାର ପନ୍ଥା, କ୍ଷତିକାରକ ମାର୍ଗରୁ ସୁରକ୍ଷିତ ରହିବା ନିମନ୍ତେ ନିର୍ଦ୍ଦେଶାବଳୀ ବର୍ଣ୍ଣିତ ହୋଇଛି । ଅନେକ ଧର୍ମଗ୍ରନ୍ଥ ଓ ଧର୍ମାବଲମ୍ବୀମାନଙ୍କୁ ଦେଖିବ ଯେ, ସେମାନେ ଅନ୍ୟ ଧର୍ମକୁ ଖରାପ ଏବଂ ଅନ୍ୟ ଧର୍ମର ତ୍ରୁଟି ସଂପର୍କରେ ଚର୍ଚ୍ଚା କରିଥାନ୍ତି ତଥା ସେମାନେ ଅନ୍ୟ ଧର୍ମାବଲମ୍ବୀମାନଙ୍କର ଶିକ୍ଷା ଉପରେ କଟାକ୍ଷ ଓ ସମାଲୋଚନା କରନ୍ତି । କିନ୍ତୁ ସେହି ସମାଲୋଚକମାନେ କେବଳ ସମାଲୋଚନା କରନ୍ତି ନାହିଁ ବରଂ ସେମାନଙ୍କୁ ଏହା ମଧ୍ୟ ଉପସ୍ଥାପିତ କରିବା ଉଚିତ ଯେ, ଯଦି ଅମକ ଖରାପ କଥାରୁ ବର୍ତ୍ତିବାକୁ ଚାହୁଁଛ ତେବେ ମୁଁ ଏହି ସତ୍‌ଶିକ୍ଷାଟି ଦେଉଛି । ଏହି ଶିକ୍ଷା ଅନ୍ୟ କୌଣସି ଧର୍ମରେ ପାଇବ ନାହିଁ, କେବଳ ଇସଲାମ୍ ଧର୍ମରେ ହିଁ ଉଲ୍ଲେଖ ରହିଛି ଏବଂ ଏହି ଗୌରବ କେବଳ ପବିତ୍ର କୁରଆନ୍ କରୀମ୍‌କୁ ହିଁ ପ୍ରାପ୍ତ ହୋଇଛି। ଅର୍ଥାତ ପବିତ୍ର କୁରଆନ୍ କରୀମ୍ ଯେଉଁଠି ଅନ୍ୟ ଅସତ୍‌ଧର୍ମର ଖଣ୍ଡନ କରିଥାଏ ସେଠାରେ ସେହି ଅସତ୍‌ଧର୍ମର ଭ୍ରମାତ୍ମକ ଶିକ୍ଷାକୁ ମଧ୍ୟ ଉନ୍ମୋଚନ କରି ସେଠାରେ ପ୍ରକୃତ ତଥା ବସ୍ତବିକ ଶିକ୍ଷାକୁ ମଧ୍ୟ ଉପସ୍ଥାପିତ କରିଥାଏ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, କେତେକ ଅବୋଧ ବ୍ୟକ୍ତିମାନେ କୁହନ୍ତି ଯେ, ଆମେମାନେ ପବିତ୍ର କୁରଆନ୍‌କୁ ଆଦୌ ହୃଦୟଙ୍ଗମ କରିପାରିବୁ ନାହିଁ । ତେଣୁ ଆମେମାନେ ଏଥିପ୍ରତି ଧ୍ୟାନ ଦେଉ ନାହୁଁ ଏବଂ ଏଥିପ୍ରତି ଧ୍ୟାନ ଦେବା ଅନୁଚିତ । କାରଣ ଏହାର ଶିକ୍ଷା ଅତ୍ୟନ୍ତ କ୍ଲିଷ୍ଟ ଅଟେ । ଆପଣ ଅ.ସ କୁହନ୍ତି ଏହା ହେଉଛି ସେହି ବ୍ୟକ୍ତିମାନଙ୍କର ଭ୍ରମ ଏବଂ ରୁଗ୍‌ଣ ଚିନ୍ତାଧାରା ଯେ, ସେମାନେ ପବିତ୍ର କୁରଆନ୍‌ର ଶିକ୍ଷାକୁ ହୃଦୟଙ୍ଗମ କରିବାକୁ ସକ୍ଷମ ନୁହନ୍ତି । ଆପଣ ଅ.ସ କୁହନ୍ତି, ପବିତ୍ର କୁରଆନ୍ ବିଶ୍ୱାସଭିତ୍ତିକ ପ୍ରସଙ୍ଗ ଓ ତତ୍‌ଜନିତ ସମସ୍ୟାକୁ ଏଭଳି ଉଚ୍ଚ ଲାଳିତ୍ୟ ତଥା କମନୀୟତା ସମ୍ପନ୍ନ ବର୍ଣ୍ଣନାତ୍ମକ ଶୈଳୀରେ ବୁଝାଇଛି ଯେ, ତାହା ଅଦୃଷ୍ଟାନ୍ତନୀୟ, ଅତୁଲ୍ୟ, ଅବିଶ୍ୱସନୀୟ ଏବଂ ପବିତ୍ର କୁରଆନ୍‌ର ପ୍ରମାଣ ମନ ଭିତରେ ଗଭୀର ପ୍ରଭାବ ପକାଇଥାଏ । ପବିତ୍ର କୁରଆନ୍‌ର ଶିକ୍ଷା ହେଉଛି ଏଭଳି ଏକ ପବିତ୍ର, ମାଧୁର୍ଯ୍ୟପୂର୍ଣ୍ଣ ବର୍ଣ୍ଣନାତ୍ମକ ସରଳ ଧର୍ମ ଗ୍ରନ୍ଥ ଓ ସରଳ ତଥା ସାବଲୀଳ ତାରଲ୍ୟବର୍ଦ୍ଧକ ଭାଷା ଯାହାକି ଆରବ ଦେଶର ଅଶିକ୍ଷିତ ଓ ପୁରପଲ୍ଲୀର ଜନତାଙ୍କୁ ବୁଝାଇ ଦେଇଥିଲା, ତେବେ ସେହି କୁରଆନ୍‌କୁ ଏବେ କାହିଁକି ବୁଝି ହେବ ନାହିଁ ? ପବିତ୍ର କୁରଆନ୍‌ରେ ସଳଖ,ସତ୍ୟ-ସୁନ୍ଦର ଏବଂ ସରଳ ସାବଲୀଳ ବୋଧଗମ୍ୟ ଏବଂ ତର୍କଯୁକ୍ତ ଶିକ୍ଷା ରହିଛି । ପବିତ୍ର କୁରଆନ୍‌ରେ ଅଲ୍ଲାଃତାଲା ଆମମାନଙ୍କୁ ସଳଖ ମାର୍ଗରେ ପରିଚାଳିତ ହେବା ନିମନ୍ତେ ଶିକ୍ଷା ପ୍ରଦାନ କରିଛନ୍ତି । ତେଣୁ ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଏହା ଅପରିହାର୍ଯ୍ୟ ଯେ, ସେ ପବିତ୍ର କୁରଆନ୍ ଧ୍ୟାନପୂର୍ବକ ପାଠ କରୁ, ତାହାର

କେଉଁ ଆଦେଶବଳୀଗୁଡ଼ିକ କରଣୀୟ ଓ କେଉଁ ଆଦେଶାବଳୀଗୁଡ଼ିକ ଅକରଣୀୟ ତାହାକୁ ପୃଥକ ପୃଥକ ଦୃଷ୍ଟିରେ ଦେଖିନେଉ ଏବଂ ଯଦି ସେ ସେହି ଶିକ୍ଷା ତଥା ଆଦେଶାବଳୀ ଉପରେ ପରିଚାଳିତ ହେବା ସଙ୍ଗେସଙ୍ଗେ ତାହା ଉପରେ କାର୍ଯ୍ୟାନୁସରଣ କରେ ତେବେ ସେପରିପ୍ରେକ୍ଷୀରେ ସେ ନିଜର ପ୍ରଭୁଙ୍କୁ ଅବଶ୍ୟ ପ୍ରସନ୍ନ ଓ ସନ୍ତୁଷ୍ଟ କରାଇ ନେବ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ପବିତ୍ର କୁରଆନ୍ ପ୍ରକୃତ ଈଶ୍ୱରଙ୍କୁ ଉପସ୍ଥାପିତ କରିଥାଏ । ଅଲ୍ଲାଃତାଲାଙ୍କର ଅଶେଷ ଅଶେଷ ଧନ୍ୟବାଦ ଯେ, ପବିତ୍ର କୁରଆନ୍ ଆମମାନଙ୍କୁ ଏଭଳି ଈଶ୍ୱରଙ୍କ ସଂପର୍କରେ ଶିକ୍ଷା ପ୍ରଦାନ କରି ନାହିଁ ଯେକି ଦୁର୍ବଳ ଓ ଶକ୍ତିହୀନ ହୋଇଥିବେ । ସେହିପରି ସେ ଆତ୍ମାମାନଙ୍କର ପ୍ରଭୁ ନୁହନ୍ତି, ସେହିପରି ପବିତ୍ର କୁରଆନ୍ ଏହି ଶିକ୍ଷା ପ୍ରଦାନ କରି ନାହିଁ ଯେ, ଅଲ୍ଲାଃତାଲା କୌଣସି ବ୍ୟକ୍ତିକୁ ମୋକ୍ଷ ପ୍ରଦାନ କରିପାରିବେ ନାହିଁ ଓ ନା କୌଣସି ବ୍ୟକ୍ତିର କ୍ଷମା ଯାଚନା ଗ୍ରହଣୀୟ ହୋଇପାରିବ । ବରଂ ଆମେମାନେ ପବିତ୍ର କୁରଆନ୍ ଅନୁଯାୟୀ ସେହି ପରମେଶ୍ୱରଙ୍କ ଭକ୍ତ ଅଟୁ ଯେକି ଆମମାନଙ୍କର ସୃଷ୍ଟିକର୍ତ୍ତା ଅଟନ୍ତି, ଆମର ମାଲିକ, ସେ ବୃତ୍ତି ପ୍ରଦାନକାରୀ ପ୍ରଭୁ, ସେ ଅଶେଷ ଦୟାବାନ ଓ ସଦା କରୁଣାମୟ ପ୍ରଭୁ, ସେ ଇହକାଳ ଓ ପରକାଳର ପ୍ରଭୁ ଅଟନ୍ତି । ବିଶ୍ୱାସକାରୀଙ୍କ ନିମନ୍ତେ ଅତ୍ୟନ୍ତ କୃତଜ୍ଞତାର କଥା ଯେ, ସେହି ଈଶ୍ୱର ଆମମାନଙ୍କୁ ଏଭଳି ଏକ ପବିତ୍ର ଗ୍ରନ୍ଥ ପ୍ରଦାନ କଲେ ଯାହାକି ପ୍ରଭୁଙ୍କର ସଠିକ୍ ମହିମା ଓ ପ୍ରଭୁଙ୍କର ସଠିକ୍ ବିଶେଷତା ସଂପର୍କରେ ଆମମାନଙ୍କୁ ସମ୍ୟକ ସୂଚନା ପ୍ରଦାନ କରିଥାଏ । ଏହା ହିଁ ପ୍ରଭୁଙ୍କର ଏକ ମହତ୍ ପୁରସ୍କାର ଅଟେ । ଅର୍ଥାତ ପବିତ୍ର କୁରାଆନ୍ କରୀମ ।

ହୁଜୁର ଅନୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସଙ୍କର ବ୍ରହ୍ମଜ୍ଞାନ ସମ୍ପନ୍ନ ଉପଦେଶାବଳୀ ପ୍ରକାଶରେ ପବିତ୍ର କୁରଆନ୍‌ର ମାହାତ୍ମ୍ୟ, ମର୍ଯ୍ୟାଦା ଓ ଶ୍ରେଷ୍ଠତାର ଅବଶିଷ୍ଟାଂଶ **ଇନ୍‌ଶାଅଲ୍ଲାଃ** ଆଗାମୀ ଖୁତ୍‌ବାରେ ବର୍ଣ୍ଣନା ହେବ । ଅଲ୍ଲାଃତାଲା ଆମମାନଙ୍କୁ ଉପରୋକ୍ତ କଥାଗୁଡ଼ିକୁ ହୃଦୟଙ୍ଗମ କରିବା ସହିତ ଏହା ଉପରେ କାର୍ଯ୍ୟାନୁସରଣ କରିବା ତଥା ପବିତ୍ର କୁରଆନ୍‌କୁ ସଠିକ୍ ଭାବରେ ପାଠ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** । ହୁଜୁର ଅନୱର ଅ.ବ, ବିଗତ ଦିନରେ ବାଂଲାଦେଶର ଜଲ୍‌ସା ସାଲାନା ଉପରେ ଡାକରା ଦେଇଥିବା ମୁଲ୍ଲା ଆତଙ୍କବାଦୀମାନଙ୍କର ଆକ୍ରମଣର ଚର୍ଚ୍ଚା କରି କହିଲେ, ଉକ୍ତ ଜଲ୍‌ସା ସାଲାନାଟି ପୋଲିସ୍ ଏବଂ ପ୍ରଶାସନ ଠାରୁ ଅନୁମତି ମିଳିବା ପରେ ଆୟୋଜିତ ହୋଇଥିଲା । କିନ୍ତୁ ଯେତେବେଳେ ଆବାହକ ମୁଲ୍ଲାମାନେ ଆକ୍ରମଣ କଲେ ସେତେବେଳେ ପୋଲିସ୍ ମୂକ ଦର୍ଶକ ସାଜି ଛିଡ଼ା ହୋଇ ରହିଥିଲା । ପରେ ଉପରିସ୍ଥ ଅଧିକାରୀମାନଙ୍କ ନିକଟରୁ ଆଦେଶ ପ୍ରାପ୍ତ ହେବା ପରେ ଯାଇ ପୋଲିସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା । କିନ୍ତୁ ସେତେବେଳେ ପର୍ଯ୍ୟନ୍ତ ହିଂସାକାରୀମାନେ ଅନ୍ୟାୟ, ଅତ୍ୟାଚାର ତଥା ବର୍ବରତାର ଚରମ ସୀମା ଲଂଘି ସାରିଥିଲେ । ଫଳତଃ ଉକ୍ତ ଆକ୍ରମଣରେ ଜଣେ ଅହେମଦି ବୀରଗତି ପ୍ରାପ୍ତ କରିଥିଲେ । ସେହି ଆକ୍ରମଣରେ ପ୍ରାଣ ହରାଇଥିବା ବୀର ଶହୀଦ୍ ହେଲେ ସମ୍ମାନନୀୟ ସ୍ୱର୍ଗତ ଜାହିଦ୍ ହୁସୈନ୍ ସାହେବ । ହୁଜୁର ଅନୱର୍ ସ୍ୱର୍ଗତଙ୍କ ଶାହାଦତ୍‌ର ଚର୍ଚ୍ଚା କରି ତାଙ୍କର ସୁଗୁଣାବଳୀର ଚର୍ଚ୍ଚା ମଧ୍ୟ କଲେ ଏବଂ ହୁଜୁର ଅନୱର୍ ଅ.ବ କହିଲେ, ଅଲ୍ଲାଃତାଲା ଯଥାଶୀଘ୍ର ଅତ୍ୟାଚାରୀମାନଙ୍କୁ ଧରନ୍ତୁ ଓ ଦଣ୍ଡିତ କରନ୍ତୁ ତଥା ଆମମାନଙ୍କ ଉପରେ ନିଜର କୃପାବତୀର୍ଣ୍ଣ କରନ୍ତୁ ।

ଖୁତ୍‌ବାର ଶେଷରେ ହୁଜୁର ଅନୱର୍ ଅ.ବ ଜମାଆତ୍‌ର ସଦସ୍ୟବୃନ୍ଦଙ୍କୁ ଦୁଆ କରିବା ନିମନ୍ତେ ଆହ୍ୱାନ ଜଣାଇଲେ ଏବଂ କହିଲେ, ଆପଣମାନେ ବହୁତ ଦୁଆ କରନ୍ତୁ । ଏତଦ୍‌ପରେ ହୁଜୁର ଅନୱର୍ ଅ.ବ, ଉପଦ୍ୱୀପର ସମ୍ମାନନୀୟ ସ୍ୱର୍ଗତ କମାଲ୍ ବଦାହ୍ ସାହେବ, କାନାଡ଼ାର ସମ୍ମାନନୀୟା ସ୍ୱର୍ଗତୀ ଡାକ୍ତର ଶମିମ୍ ଅହେମଦ ମଲକ୍ ସାହେବା, ଜର୍ମାନୀର ସମ୍ମାନନୀୟ ସ୍ୱର୍ଗତ ଫରହାଦ୍ ଅମିନୀ ସାହେବ ଓ କାନାଡ଼ାର ସମ୍ମାନନୀୟ ସ୍ୱର୍ଗତ ଚୌଧୁରୀ ଜାୱେଦ୍ ଅହେମଦ୍ ବିସ୍‌ମିଲ୍ ସାହେବଙ୍କ ବିୟୋଗ, ସେମାନଙ୍କର ସୁଗୁଣାବଳୀର ଚର୍ଚ୍ଚା କଲେ ଏବଂ ବୈକୁଣ୍ଠରେ ସମସ୍ତ ମୃତକ ମୃତକାମାନଙ୍କର ସ୍ତର ଉନ୍ନୀତ ହେବା ନିମନ୍ତେ ପ୍ରାର୍ଥନା କଲେ । ନମାଜ ଜୁମା ପରେ ଏହି ମୃତକ ମୃତକାମାନଙ୍କର ନମାଜ ଯନାଜାଃ ଗାଏବ୍ ପାଠ କରିବାର ଘୋଷଣା ମଧ୍ୟ କଲେ ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଈଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜକ୍ କରୁନା ଉୟକୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜିକ୍‌ରୁଲ୍ଲାହି ଅକ୍‌ବର୍ ।**

......................................